## ତଦାରଖ ପ୍ରକ୍ରିୟା

### ରାଜ୍ୟ ଟାସ୍କ ଫୋର୍ସ (State Task Force)

ରାଜ୍ୟ ସ୍ତରରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏହି ଯୋଜନାର ସମୀକ୍ଷା, ତଦାରଖ ଓ ଯୋଜନା କାର୍ଯ୍ୟକାରୀତା ତଦାରଖ କରିବେ ।

### ଜିଲ୍ଲା ଟାସ୍କଫୋର୍ସ (District Task Force)

ଜିଲ୍ଲା ସ୍ତରରେ ଜିଲ୍ଲାପାଳ ଜିଲ୍ଲା ଟାସ୍କଫୋର୍ସରେ ଅଧ୍ୟକ୍ଷତାକରି ଏହି ଯୋଜନାର ସ୍ଥିତି ସମୀକ୍ଷା, କାର୍ଯ୍ୟ ଯୋଜନା ଅନୁମୋଦନ, ବ୍ଲକ ଟାସ୍କଫୋର୍ସ ଗଠନ, କାର୍ଯ୍ୟକାରୀତା ତଦାରଖ କରିବା ସହ ପଥ ପ୍ରଦର୍ଶନ ଓ ସହାୟତା ପ୍ରଦାନ କରିବେ ।

### ବ୍ଲକ ଟାସ୍କ ଫୋର୍ସ (Block Task Force)

ବ୍ଲକ ଉନ୍ନୟନ ଅଧିକାରୀ ବ୍ଲକ ଟାସ୍କଫୋର୍ସରେ ଅଧ୍ୟକ୍ଷତାକରି ଏହି ଯୋଜନାର ସମୀକ୍ଷା ଓ କାର୍ଯ୍ୟକାରୀତା ତଦାରଖ ଓ ଯୋଜନାର ସଫଳ ରୂପାୟନ ନିମନ୍ତେ ସହାୟତା ପ୍ରଦାନ କରିବେ । ଜିଲ୍ଲାକୁ ତ୍ରୈମାସିକ ବିବରଣୀ ମଧ୍ୟ ପ୍ରଦାନ କରିବା ସୁନିଶ୍ଚିତ କରିବେ ।





ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର




# ବିଜୁ କନ୍ୟା ରତ୍ନ ଯୋଜନା

(ଆମ କନ୍ୟା ଆମ ରତ୍ନ)

ଓଡ଼ିଶା ସରକାର

୨୦୧୬ - ୨୦୧୯

ଶିଶୁ ଲିଙ୍ଗହାର କମିଯିବା ଆମ ରାଜ୍ୟର ଏକ ଚିନ୍ତାର ବିଷୟ । ୨୦୧୧ ଜନଗଣନା ହିସାବରେ ଶିଶୁଙ୍କ ଲିଙ୍ଗହାର ୯୫୩ ରୁ ୯୪୧କୁ କମିଯାଇଛି । ଜାତୀୟ ସ୍ଥିତି ଅନୁସାରେ ଓଡ଼ିଶାର ସ୍ଥିତି ଭଲ ଥିଲେ ମଧ୍ୟ ରାଜ୍ୟର ନୟାଗଡ଼, ଢେ଼ଙ୍କାନାଳ, ଅନୁଗୁଳ ଏବଂ ଗଞ୍ଜାମ ଜିଲ୍ଲାରେ ଯଥାକ୍ରମେ ୮୫୫, ୮୭୭, ୮୮୯ ଏବଂ ୯୦୮ ଶିଶୁ ଲିଙ୍ଗହାର ଅଛି । ଏହି ଜିଲ୍ଲାମାନଙ୍କରେ ଶିଶୁ ଲିଙ୍ଗହାର କମିଯିବା ସମସ୍ୟାର ସମାଧାନ ନିମନ୍ତେ ଓଡ଼ିଶା ସରକାର ଅଧିକ ଯତ୍ନବାନ ଅଛନ୍ତି ।

ବାଳିକା ଓ ମହିଳା ନୀତି ୨୦୧୪ ଅନୁଯାୟୀ ବାଳିକାମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା, ଲିଙ୍ଗଗତ ପକ୍ଷପାତିତା ଦୂର କରିବା ଏବଂ ସାମାଜିକ ବ୍ୟବହାର ପରିବର୍ତ୍ତନ ମାଧ୍ୟମରେ କିଶୋରୀମାନଙ୍କୁ ସଶକ୍ତ କରିବା ଓ ଉତ୍ତମ ପରିବେଶ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ ।

ବିଜୁ କନ୍ୟା ରତ୍ନ (ଆମ କନ୍ୟା ଆମ ରତ୍ନ) ଓଡ଼ିଶା ସରକାରଙ୍କ ଏକ ନୂତନ ଯୋଜନା । ଏହି ଯୋଜନାରେ କନ୍ୟା ଶିଶୁଙ୍କ ଲିଙ୍ଗହାର କମିଯିବା ସମସ୍ୟାର ସମାଧାନ କରିବା, କନ୍ୟା ଶିଶୁ ଜନ୍ମ ନେବା, ବଞ୍ଚି ରହିବା ଏବଂ ସେମାନଙ୍କର ବିକାଶ ନିମନ୍ତେ ମହିଳା ଓ ଶିଶୁ ବିକାଶ ବିଭାଗ, ଗୋଷ୍ଠୀ ଓ ସମସ୍ତ କାର୍ଯ୍ୟକାରୀ ସଂସ୍ଥାକୁ ଏକତ୍ରିତ କରି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି । ରାଜ୍ୟର ଶିଶୁ ଲିଙ୍ଗହାର କମ୍ ଥିବା ୪ଟି ଜିଲ୍ଲା ମଧ୍ୟରୁ ଢେ଼ଙ୍କାନାଳ, ଅନୁଗୁଳ, ଗଞ୍ଜାମ ଜିଲ୍ଲାରେ ୨୦୧୬-୨୦୧୭ ଠାରୁ ଏହା କାର୍ଯ୍ୟକାରୀ କରାଯାଉଛି । ତିନି ବର୍ଷ ପର୍ଯ୍ୟନ୍ତ ଏହି ଯୋଜନାକୁ ଉକ୍ତ ଜିଲ୍ଲା ଗୁଡିକରେ କାର୍ଯ୍ୟକାରୀ କରାଯିବ ।

## ଯୋଜନାର ମୁଖ୍ୟ ଲକ୍ଷ୍ୟ

କନ୍ୟା ଶିଶୁ ବଞ୍ଚିରହିବା ଏବଂ ସେମାନଙ୍କର ବିକାଶ ନିମନ୍ତେ ସକ୍ଷମକାରୀ ପରିବେଶ ସୃଷ୍ଟି କରିବା ଓ ସେମାନଙ୍କର ସମ୍ମାନ ବଜାୟ ରଖିବା ।

## ଯୋଜନାର ଉଦ୍ଦେଶ୍ୟ

- ଲିଙ୍ଗଗତ ତାରତମ୍ୟ ଜନିତ ଲିଙ୍ଗ ନିରୂପଣ ରୋକିବା ।
- କନ୍ୟା ସନ୍ତାନର ସ୍ୱାସ୍ଥ୍ୟ, ପୁଷ୍ଟି, ନିରାପତ୍ତା ଏବଂ ବଞ୍ଚିରହିବା ସୁନିଶ୍ଚିତ କରିବା ।
- କନ୍ୟା ଶିଶୁମାନେ ସ୍କୁଲକୁ ଯିବା ଏବଂ ସ୍କୁଲରେ ଉପସ୍ଥାନ ହାର ବଢ଼ାଇବା ନିମନ୍ତେ ନିଶ୍ଚିତ କରିବା ।
- କନ୍ୟା ଶିଶୁର ଗୁରୁତ୍ୱ ସମ୍ପର୍କରେ ଗୋଷ୍ଠୀ ଓ ସମସ୍ତ ସେବା ପ୍ରଦାନକାରୀ ସଂସ୍ଥା ମଧ୍ୟରେ ସଚେତନତା ବୃଦ୍ଧି କରିବା ।






- କନ୍ୟାମାନେ ସେମାନଙ୍କର ମତ ପରିପ୍ରକାଶ କରିବା ଏବଂ ସମସ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ସଫଳତାର ସହ ଏବଂ ସମକକ୍ଷ ହୋଇ ଅଂଶଗ୍ରହଣ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ।

## ଯୋଜନାର ଗୁରୁତ୍ୱପୂର୍ଣ୍ଣ ଦିଗ (Components)

- ଆନ୍ତଃ ବିଭାଗ ସମନ୍ୱୟ (Inter Departmental Convergence)
- ପ୍ରଶିକ୍ଷଣ ଏବଂ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ (Training & Capacity building Programme)
- ଅଭିନବ ପଦକ୍ଷେପ (Innovations)
- ତଥ୍ୟ ଶିକ୍ଷା ଏବଂ ସୂଚନା କାର୍ଯ୍ୟକ୍ରମ (IEC)

## ଭୌଗଳିକ ଅଞ୍ଚଳ (Geographical Area)

ଏହି ଯୋଜନା ବର୍ତ୍ତମାନ କେବଳ ଢେ଼ଙ୍କାନାଳ, ଅନୁଗୁଳ ଏବଂ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି ।